# ଦୁର୍ଦ୍ଦଶା ଭୋଗୁଛନ୍ତି ୱାର୍ଡବାସୀ



ଭାଙ୍ଗିରୁଜି ଯାଇଥିବା ଡ୍ରେନ୍ ।



ରାସ୍ତା କଡ଼ରେ ଜମା ହୋଇଥିବା ଅଳିଆ ଆବର୍ଜନା ।

ରାୟଗଡ଼ା ଅଫିସ,୨୦।୯

### ଶୁଣୁନି ପ୍ରଶାସନ

- ନିୟମିତ ସଫେଇ ହେଉନି ଡ୍ରେନ
- ଶୋଚନୀୟ ହୋଇ ପଡ଼ିଛି ବିଭିନ୍ନ ସାହି ରାସ୍ତା
- ସାମାନ୍ୟ ବର୍ଷାରେ ରାସ୍ତାରେ ଲହଡ଼ି ମାରୁଛି ଆବର୍ଜନା ପାଣି

ରାୟଗଡ଼ା ପୌର ପରିଷଦ ଅଧୀନରେ ଥିବା ୭ ନମ୍ବର ୱାର୍ଡ଼ରେ ଅନେକ ସମସ୍ୟା ଲାଗି ରହିଛି। ୱାର୍ଡ଼ବାସୀଙ୍କ ମୁଖ୍ୟ ସମସ୍ୟା ହେଲା ଡ୍ରେନ । ଏହା ନିୟମିତ ସଫା କରାଯାଉ ନ ଥିବାରୁ ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ଏଠାରେ ନଳକୂପ ଅଚଳ ଥିବାରୁ ୱାର୍ଡ଼ ବାସୀ ପାଣି ପାଇଁ ଡ଼ହଳବିକଳ ହେଉଛନ୍ତି । ବିଭିନ୍ନ ରାସ୍ତା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଆମ କଥାକୁ ଶୁଣୁ ନ ଥିବାରୁ ଆମେ ଦୁର୍ଦ୍ଦଶା ଭୋଗୁଛୁ ବୋଲି ୱାର୍ଡ଼ବାସୀ ଅଭିଯୋଗ କରିଛନ୍ତି ।

୭ ନଂ ୱାର୍ଡ଼ରେ ଭବାନୀ ସାହି ,ଜାଗିଲି ସାହି ,ପାଇକ ସାହି ,କନ୍ଧ ସାହି, ମାଲା ସାହି,ଗୋଲା ସାହି ,ଧୋବାସାହି,ଖାଇକେଲପେଟା ସାହି,କଣ୍ଡା ସାହି,କେଉଟ ସାହି , ଡ଼େଲି ମାର୍କେଟ , ହନୁମାନ ମନ୍ଦିର ନିକଟସ୍ଥ ସାହି ଆଦି ରହିଛି । ଉକ୍ତ ୱାର୍ଡ଼ରେ ଡ୍ରେନେଜ ବ୍ୟବସ୍ଥା ଠିକ ନାହିଁ । ୧୯୭୦ରେ ଏହି ଡ୍ରେନ ନିର୍ମାଣ କରାଯାଇଥିଲା । ଅଧିକାଂଶ ସାହିରେ ଥିବା ଡ୍ରେନ ମରାମତି ଅଭାବରୁ ଭାଙ୍ଗିରୁଜି ଗଲାଣି । ଆଉ କେତେକ ସ୍ଥାନରେ ସମ୍ପୂର୍ଣ୍ଣ ଡ୍ରେନ ହିଁ ନାହିଁ । ଯାହାଦ୍ୱାରା ଘରର ଆବର୍ଜନା ପାଣି ଆସି ରାସ୍ତାରେ ଭାସୁଛି । ସାମାନ୍ୟ ବର୍ଷା ହେଲେ ଆବର୍ଜନା ପାଣି ରାସ୍ତାରେ ଲହଡ଼ି ମାରୁଛି । ଡ୍ରେନର ଉପର ପ୍ଲେଟ ନ ଥିବାରୁ କିଛି ଦିନ ତଳେ ଅନ୍ଧାର ରାତିରେ କେ. ରାମୁଦାମା (୭୦) ଖସି ପଡ଼ି ଗୋଡ଼ ଭାଙ୍ଗିଯାଇଥିଲା । ଡ୍ରେନଗୁଡ଼ିକ ଅଳିଆ ଆବର୍ଜନାରେ ପୋତି ହୋଇ ପଡ଼ିଛି । ନିୟମିତ ସଫା କରାଯାଉ ନ ଥିବାରୁ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାୟଗଡ଼ାବାସୀ ଅଧିଷ୍ଠାତ୍ରୀ ଦେବୀଙ୍କ ବୁର୍ଦ୍ଧାଲା ପୋଲାମା ମନ୍ଦିର ନିକଟରେ ଓଳିଆ ଆବର୍ଜନା ଜମି ରହିଛି। ଏହାକୁ ସଫା କରାଯାଉ ନ ଥିବାରୁ ଉକ୍ତ ରାସ୍ତା ଦେଇ ଯିବା ସମ୍ଭବ ହେଉନାହିଁ। ଏହି ୱାର୍ଡ଼ରେ ପୌରପରିଷଦ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଛି । ହେଲେ ଏଥିରେ ଆଲୋକ ଏବଂ ପାଣିର ବ୍ୟବସ୍ଥା ନ ଥିବାରୁ ତାହା ଲୋକଙ୍କ କାମରେ ଆସୁନାହିଁ । ସେହିପରି ଅନେକ ସାହି ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ସେଥିରେ ବର୍ଷା ଜଳ ଜମି ରହିବାରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଠାରେ ପାନୀୟ ଜଳ ପାଇଁ ଏକ ପାଇପ ରହିଛି । ଯାହା ୧୫ ଦିନ ହେଲା ଅଚଳ ହୋଇ ପଡ଼ିରହିଛି । ତେଣୁ ଲୋକେ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି ବୋଲି ୱାର୍ଡ଼ବାସୀ ଅଭିଯୋଗ କରିଛନ୍ତି । ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି । ଏନେଇ କାର୍ଯନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ପଚାରି ବାରୁ, ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି ।

### ସେମାନେ କ'ଣ କୁହନ୍ତି...



ଆମ ୱାର୍ଡ଼ରେ ଅନେକ ସମସ୍ୟା ରହିଛି । ସେଥିମଧ୍ୟରୁ ମୁଖ୍ୟ ହେଉଛି ଡ୍ରେନେଜ ସମସ୍ୟା । ମୋ କାର୍ଯ୍ୟକାଳ ମଧ୍ୟରେ ବିଗତ ୪ ବର୍ଷ ତଳେ ଏ ବିଷୟରେ ମୁଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲି । ହେଲେ କୌଣସି ସୁଫଳ ମିଳିଲା ନାହିଁ । କିଛି କାରଣରୁ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ ।

-ବି.ଇଶ୍ୱାରାମା,ପୂର୍ବତନ କାଉନସିଲର



ମୁଁ ଡ୍ରେନେଜ ସମସ୍ୟା ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ବାରମ୍ବାର ପୌରପରିଷଦରେ ଅଭିଯୋଗ କରିଛି । ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଭେଟି ଅବଗତ କରିଛି । ଆମେ ଯାଇ ସ୍ଥିତି ଅନୁଧ୍ୟାନ କରିବୁ କହିଛନ୍ତି। କିନ୍ତୁ ଲୋକଙ୍କ ଦୁଃଖ ବୁଝିବା ପାଇଁ ଆସି ନାହାନ୍ତି।

-ଏଲ୍.ଚେଲାରାଓ, ଟାଉନ କଂଗ୍ରେସ କମିଟି ସଭାପତି



ଏଠାରେ ଡ୍ରେନ ଠିକ ଭାବେ ସଫା କରାଯାଉ ନ ଥିବାରୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଯାହା ଦ୍ୱାରା ଆମେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ଦରକାର।

-ସନ୍ତୋଷ କୁମାର ଆମରେପ,ସ୍ଥାନୀୟ ବାସିନ୍ଦା



ଡ୍ରେନେଜ ସମସ୍ୟା ଯୋଗୁଁ ଅନେକ ଅସୁବିଧା ହେଉଛି । ଘରର ଆବର୍ଜନା ପାଣି ଯିବାର କୌଣସି ବ୍ୟବସ୍ଥା ନାହିଁ । ଅନେକ ହଇରାଣ ହେଉଛୁ ।

-ଆର.କାନାକାମା,ସ୍ଥାନୀୟ ବାସିନ୍ଦା

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଗୁଣପୁର,୨୦।୯(ଡି.ଏନ.ଏ): ରାୟଗଡା ଜିଲା ରାମନାଗୁଡା ବ୍ଲକ କାମପଦର ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ହୋଇଛି । ସେ ହେଲେ ଜଗନ୍ନାଥ ତୋଇକା । ତାଙ୍କ ଘର ଗୋଗୁପାଡୁ ଗ୍ରାମରେ । ଜଗନ୍ନାଥ ତାଙ୍କ ଶ୍ୱଶୁର ଘର କାମପଦରକୁ ଯାଇଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ଦେବଶିଳ୍ପୀଙ୍କ ଭସାଣି ଉତ୍ସବ



ଟିକିରି,୨୦।୯(ଡ଼ି.ଏନ.ଏ):ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଷ୍ଟେଶନ ନିକଟରେ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା । ଶୁକ୍ରବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଛି । ଭସାଣୀ ଶୋଭାଯାତ୍ରାରେ ରେଲୱେର ସମସ୍ତ କର୍ମକର୍ତ୍ତା ସାମିଲ ହୋଇ ବାଜା, ବାଣ ବଜାଇ ନାଚିଥିଲେ ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଗୁଣପୁର,୨୦।୯(ଡି.ଏନ.ଏ): ଗୁଣପୁର ବ୍ଲକ ଉମ୍ପସରା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ଗମାଙ୍ଗ ଯୋଗଦେଇ ନିଷ୍ଠାର ସହ ଶିକ୍ଷା ସମାପନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ କଲେଜ ଅଧ୍ୟକ୍ଷ ଡ.କୃଷ୍ଣଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିବା ସହ ପିଲାଙ୍କ ସଫଳତା କାମନା କରିଥିଲେ । ପରିଚାଳନା ସମିତି ସଭ୍ୟ ସୋମନାଥ ଗମାଙ୍ଗଙ୍କ ସମେତ ସମସ୍ତ ଅଧ୍ୟାପିକାଅଧ୍ୟାପକ ଯୋଗ ଦେଇ ଭଲ ପାଠ ପଢି ଆଦର୍ଶ ନାଗରିକ ହେବାକୁ ଆହ୍ୱାନ ଜଣାଇଥିଲେ । ରାମକୃଷ୍ଣ ସେନାପତି, ପୂର୍ଣ୍ଣଚନ୍ଦ୍ର ମାଝି, ଶ୍ରୀକାନ୍ତ ରଥ, ରତିକାନ୍ତ ମିଶ୍ର, ହେମନ୍ତ କୁମାର ମଲିଫୁଲ, ସୂର୍ଯ୍ୟ ମଲିଫୁଲ, ସୁମନ ଶବର, ଗଣେଶ ମଲିଫୁଲ, ରମେଶ ଜଟିଆ, ନୀଳମଣି ଅମ୍ବିଲି, ଜଗନ୍ନାଥ ସାହୁକାର, ଗାୟତ୍ରୀ ବେହେରା, ବିରଞ୍ଚି ଶବର ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ଅମୃତ ଜେନା ଏବଂ ଛାତ୍ରୀ ବିଭାଷିନୀ ଶବର ମଞ୍ଚ ପରିଚାଳନା କରିଥିଲେ ।

### ଟିକିରିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଟିକିରି, ୨୦।୯ (ଡି.ଏନ୍.ଏ.):ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସଦର ଓ ଆଖପାଖ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ଧରି ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯିବା ବାଟରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଓ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ କେହି ଗୁରୁତ୍ୱ ଦେଉ ନାହାନ୍ତି। ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଟିକିରିର ବହୁ ସ୍ଥାନରେ ଆବର୍ଜନା ଜମି ରହିଥିବାରୁ ବର୍ଷା ଦିନରେ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ରହିଛି। ତେଣୁ ରାସ୍ତାକଡ଼ରେ ଜମା ହୋଇ ରହିଥିବା ଆବର୍ଜନାକୁ ଉଠାଇବା ଲାଗି ସାଧାରଣରେ ଦାବି ହୋଇଛି ।



### ■ ନାବାଳିକାଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ରାୟଗଡ଼ା ଅଫିସ,୨୦।୯



ଅଭିଯୁକ୍ତ ମିନା ହିକ୍କା ।

ରାୟଗଡ଼ା ପୋକ୍ସୋ ସ୍ୱତନ୍ତ୍ର ଅଦାଲତରେ ଜଜ୍ ଆଶିଷ କୁମାର ତ୍ରିପାଠୀ ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ମିନା ହିକ୍କା ଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ।

୨୦୧୭ରେ କଲ୍ୟାଣସିଂପୁର ଥାନା ଅନ୍ତର୍ଗତ କୁମୁଟିମୁଣ୍ଡା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ମିନା ବଳାତ୍କାର କରିଥିଲେ । ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ କଲ୍ୟାଣସିଂପୁର ଥାନାରେ ଏତଲା ଦିଆଯାଇଥିଲା । ଏହି ଘଟଣାରେ ପୋଲିସ ମିନାଙ୍କୁ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିଥିଲେ । ତେବେ ଶୁକ୍ରବାର ରାୟଗଡ଼ା ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି ।

### ମା' ମାଣିକେଶ୍ୱରୀ ଯାତ୍ରା ଆରମ୍ଭ

ଚନ୍ଦ୍ରପୁର,୨୦।୯(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ାଠାରେ ବହୁ ପୁରାତନ ମା' ମାଣିକେଶ୍ୱରୀ ଯାତ୍ରା ଆରମ୍ଭ ହୋଇଛି । ଏଠାରେ ପସରା ମେଲାଇଥିବା ବିଭିନ୍ନ ମିଠା , ଖେଳନା ଆଦି ଦୋକାନରେ ଭିଡ଼ ଦେଖିବାକୁ ମିଳିଛି । ଶୁକ୍ରବାର ରାତିରେ ସାନ ଉପାସ, ଶନିବାର ବଡ଼ ଉପାସ, ରବିବାର ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ର ମା' ମାଣିକେଶ୍ୱରୀ ବେଶରେ ନିଆଁରେ ଚାଲିବା ସହ କଣ୍ଟାଦୋଳିରେ ବସି ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ଗୁହାରି ଶୁଣିବେ। ଏଥିଲାଗି ବହୁ ମାନସିକଧାରୀଙ୍କ ଭିଡ଼ ଲାଗିଛି । ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଲାଗି ଯାତ୍ରା କମିଟି, ସ୍ଥାନୀୟ ପୋଲିସ ମୁତୟନ ଅଛି। ଏହିଯାତ୍ରା ଲାଗି ବାଲିଘର ଗ୍ରାମ, ବସଷ୍ଟାଣ୍ଡ ଛକ ସହ ସମସ୍ତ ସାହିକୁ ରଙ୍ଗିନ ଆଲୋକମାଳାରେ ସଜା ଯାଇଛି । ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଯାତ୍ରା କମିଟି ସଭାପତି ଦୟାନିଧି ପାତ୍ର କହିଛନ୍ତି ।

### ■ ବ୍ଲକ ସ୍ତରୀୟ କର୍ମଶାଳା

# 'ଦକ୍ଷତା ହିଁ କ୍ଷମତା'

ରାୟଗଡ଼ା ଅଫିସ,୨୦।୯



କର୍ମଶାଳାରେ ଉପସ୍ଥିତ ଅତିଥି ।

ରାୟଗଡ଼ା ବ୍ଲକସ୍ଥିତ ସଦ୍‌ଭାବନା ଗୃହରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସମ୍ପର୍କିତ ଏକ ଦୀବସୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି ଅଧ୍ୟକ୍ଷତା କରିବା ସହ ଦକ୍ଷତା ହିଁ କ୍ଷମତା ବୋଲି କହିଥିଲେ । ଗ୍ରାମ୍ୟସ୍ତରର ୧୮ ବର୍ଷରୁ ୩୫ ବର୍ଷର ବେକାର ଯୁବତୀଯୁବକ ଏହି ଯୋଜନାରେ ସାମିଲ ହୋଇ ତାଲିମ ନେଇ ଦକ୍ଷ ହୋଇପାରିବେ । ଏଥିସହ ସ୍ଥାୟୀ ରୋଜଗାରର ପନ୍ଥା ଆପଣେଇ ପାରିବେ । ଏହି ବାର୍ତ୍ତା ସମସ୍ତ ବେକାର ଯୁବତୀଯୁବକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆହ୍ୱାନ କରିଥିଲେ । ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ ଯୋଗ ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଓଡ଼ିଶା ଜିବିକା ମିଶନର ଜିଲା ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର , ଜିଲା ସଂଯୋଜକ ଆଦିତ୍ୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଗୋପାଳ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିପିଏମ କମଳିନୀ ପଡ଼ିହାରୀ ଧନ୍ୟବାଦ ଦେଇଥିଲେ ।

# 'ଆସ ସବୁଦିନେ ଯିବା ସ୍କୁଲ' ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମୁନିଗୁଡ଼ା,୨୦।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ମାଗୁଣୀ ଗ୍ରାମରେ ଶୁକ୍ରବାର ୟୁନିସେଫ୍ ସହାୟତା ଏବଂ ଶିକ୍ଷା ସନ୍ଧାନ ସଂଯୋଜନା କ୍ରମେ 'ଆସ ସବୁଦିନେ ଯିବା ସ୍କୁଲ' ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ସଂଯୋଜକ ଡଃ ଚନ୍ଦନ କୁମାର ସିଂହଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁନିସେଫ୍ ଜିଲା ସଂଯୋଜକ ପ୍ରକାଶ ଚନ୍ଦ୍ର ବାରିକ, ବିଷକକଟକ ପୋଲିସ ଉପଆରକ୍ଷୀ ଅଧୀକ୍ଷକ ଚନ୍ଦ୍ରଶେଖର ହୋତା, ଗୋଷ୍ଠୀ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଶିକ୍ଷା କମିଟି ଅଧକ୍ଷ ଆର୍ଯ୍ୟା ଗଙ୍ଗା, ପ୍ରଧାନଶିକ୍ଷକ ପିତୃଦେବ ବିଡିକା, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ଶିକ୍ଷା ସନ୍ଧାନ ଜିଲା ସଂଯୋଜକ ଅନନ୍ତ କୁମାର ସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ଗଠନ ପାଇଁ ଗ୍ରାମ ଗୋଷ୍ଠୀ ତଥା ଅଭିଭାବକମାନେ ଅଧିକ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ । ବିଜୟ କୁମାର ମଲ୍ଲିକ, ତ୍ରିପତି କିଲାକା, ଗୁଣନିଧି ସାହୁକାର, ବଳରାମ ଜାଲ, ଯୋଶେଫ୍ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ